# Prime Minister's meeting with Chancellor of the Federal Republic of Germany on the sidelines of G-20 Summit in Bali

November 16, 2022

## ବାଲିରେ ଜି -20 ଶିଖର ସମ୍ମିଳନୀରେ ଜର୍ମାନୀର ଫେଡେରାଲ ରିପବ୍ଲିକର ଚାନ୍ସଲରଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ସାକ୍ଷାତ

ନଭେମ୍ବର 16, 2022

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ବାଲିରେ ଜି-20 ଶିଖର ସମ୍ମିଳନୀ ଅବସରରେ ଜର୍ମାନୀର ଫେଡେରାଲ୍ ରିପବ୍ଲିକ୍ ର ଚାନ୍ସଲର ମହାମହିମ ଶ୍ରୀଯୁକ୍ତ ଓଲାଫ୍ ସ୍କୋଲ୍‌ଜଙ୍କ ସହିତ ସାକ୍ଷାତ କରିଛନ୍ତି।

ଦୁଇ ନେତାଙ୍କ ମଧ୍ୟରେ ଏହା ଚଳିତ ବର୍ଷରେ ତୃତୀୟ ସାକ୍ଷାତ ଥିଲା। ଗତ ସାକ୍ଷାତ 2 ମେ 2022 ରେ ଷଷ୍ଠ ଭାରତ-ଜର୍ମାନୀ ଆନ୍ତ ସରକାରୀ ପରାମର୍ଶ ପାଇଁ ପ୍ରଧାନମନ୍ତ୍ରୀଙ୍କ ବର୍ଲିନ ଯାତ୍ରା ଏବଂ ଏହାପରେ ଚାନ୍ସେଲର ସ୍କୋଲ୍‌ଜଙ୍କ ଆମନ୍ତ୍ରଣରେ ଜି-7 ଶିଖର ସମ୍ମିଳନୀର ଅଂଶଗ୍ରହଣକାରୀ ଦେଶ ଭାବରେ ପ୍ରଧାନମନ୍ତ୍ରୀଙ୍କୁ ଜର୍ମାନୀରେ ସ୍କୋଲ୍‌ସ ଏଲମୋ ଯାତ୍ରା ସମୟରେ ହୋଇଥିଲା।

ଉଭୟ ନେତା
ଭାରତ ଏବଂ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗର ବ୍ୟାପକତା ଉପରେ ଆଲୋକପାତ କରିଥିଲେ, ଯାହାକି ଆଇଜିସି ସ ମୟରେ ପ୍ରଧାନମନ୍ତ୍ରୀ ଏବଂ ଚାନ୍ସଲରଙ୍କ
ଦ୍ୱାରା ସବୁଜ ଏବଂ ସ୍ଥାୟୀ ବିକାଶ ପାଇଁ ପାର୍ଟନରସିପ୍ ସ୍ୱାକ୍ଷର ହେବା ସହିତ ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଥିଲେ। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ସମ୍ପର୍କକୁ ଆହୁରି ଦୃଢ଼ କରିବାକୁ ଏବଂ ପ୍ରତିରକ୍ଷା ଓ ନିରାପତ୍ତା, ସ୍ଥାନାନ୍ତରଣ ଏବଂ ମୋବିଲିଟି ତଥା ଭିତ୍ତିଭୂମି କ୍ଷେତ୍ରରେ ସହଯୋଗକୁ ଆହୁରି ବୃଦ୍ଧି କରିବାକୁ ସେମାନେ ସହମତ ହୋଇଥିଲେ।

ଜି20 ଏବଂ ଜାତିସଂଘ ସମେତ ବହୁପକ୍ଷୀୟ ଫୋରମରେ ସହଯୋଗ ଏବଂ ସମନ୍ୱୟ ବୃଦ୍ଧି କରିବାକୁ ଉଭୟ ନେତା ସହମତ ହୋଇଥିଲେ।

ବାଲି
**ନଭେମ୍ବର 16, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.